# ସମ୍ପାଦକୀୟ

ସାଧାରଣତଃ ମଣିଷର ମନ ବର୍ହିମୁଖୀ; ଦୌଡୁଥାଏ ଇତସ୍ତତଃ ବିଭିନ୍ନ ବସ୍ତୁର ଆକର୍ଷଣ ପଶ୍ଚାତରେ । ବେଳେବେଳେ ଏମିତି ଅନ୍ଧ ଭାବେ ଦୌଡ଼େ ଯେ ନିଜର ଅସ୍ତିତ୍ୱ ସମ୍ବନ୍ଧରେ ସାମାନ୍ୟ ବି ସଚେତନ ନଥାଏ, ନିଜ ଚତୁଃପାର୍ଶ୍ୱସ୍ଥ ଛୋଟ ଛୋଟ ଘଟଣା ଯେଉଁଥିରୁ ଆତ୍ମ-ତୃପ୍ତି ମିଳିଥାଏ,ସେଥିରୁ ସେ ବଞ୍ଚିତ ହୋଇ ଅବସୋସ କରି ସ୍ୱତଃସ୍ଫୂର୍ତ୍ତ କହିପକାଏ – ଓହୋଃ ! କର୍ମ ବ୍ୟସ୍ତତା ହିଁ ମୋ ମଣିଷପଣିଆର ବାସ୍ତବରେ ଅନ୍ତକ ! କର୍ମବ୍ୟସ୍ତତା ଏମିତି ଏକ ସାଂଘାତିକ ରୋଗ ମନୁଷ୍ୟର ସାଙ୍ଗ କେବେ ଛାଡ଼େନା । ସେଥିପାଇଁ ଯଥାର୍ଥରେ ୱେଲ୍ସ କବି ଡବ୍ଲ୍ୟୁଏଚ୍ ଡେଭିସ୍ ତାଙ୍କର କେଉଁକାଳରୁ ଲିଖିତ 'ଲିଜର୍' କବିତାରେ କହିଥିଲେ – No time to see, when woods we pass, where squirrels hide their nuts in grass. No time to see, in broad daylight, streams full of stars, like skies at night. A poor life this if, full of care, we have no time to stand and stare.

ପୂର୍ବାପେକ୍ଷା ଆଜିର ଏକବିଂଶ ଶତାବ୍ଦୀର ମଣିଷ ଏହି ଦୁର୍ନିବାର କାର୍ଯ୍ୟବ୍ୟସ୍ତତା ରୋଗରେ ବେଶି ପୀଡ଼ିତ ଓ ବେଦନାଗ୍ରସ୍ତ । ସୁଖ ଓ ଶାନ୍ତି ଟିକକ ଆସ୍ୱାଦନ ପାଇଁ ସେ ଅହରହ ବସ୍ତୁଲାଭ ପଶ୍ଚାତ୍‌ରେ ନିରନ୍ତର ଧାବିତ, ହେଲେ କଣ ହେବ, ଉପଭୋଗର ପିଆଲାରୁ ସବୁତକ ମଧୁ ପାନ କରିବା ସତ୍ତ୍ୱେ କେଉଁ ଶାନ୍ତି ତାକୁ ମିଳୁଛି ! କର୍ମବ୍ୟସ୍ତତାର ସୁଅରେ ଭାସି ସ୍ୱୟଂ ଅସ୍ତିତ୍ୱକୁ ବାରମ୍ବାର ବିସ୍ମରଣ ହେଉଥିବା ମଣିଷ ପ୍ରଥମେ ନିଜ ପ୍ରତି ସଚେତନ ହେବା ନିହାତି ଆବଶ୍ୟକ । ତତ୍ ସହିତ ଚାରିପାଖରେ ଘଟିତ ପ୍ରାକୃତିକ ନିୟମରେ ବନ୍ଧା ଘଟଣାରାଶିକୁ ଦେଖିବାଲାଗି ଅନ୍ତତଃ ପକ୍ଷେ ନିଜ ପାଇଁ ସୁଯୋଗଟିଏ ସୃଷ୍ଟି କଲେ ହିଁ ତା'ର ମନ ଅନ୍ତର୍ମୁଖୀ ହେବ । ଆମକୁ ମନେ ରଖିବାକୁ ହେବ ଯେ ସୁଖ-ଶାନ୍ତି ମଣିଷର ଅଭ୍ୟନ୍ତର ହୃଦୟରୁ ଆସେ, ବାହ୍ୟ ଆକର୍ଷଣକାରୀ କୃତ୍ରିମ ବସ୍ତୁ ଭିତରେ ଖୋଜିଲେ କେଉଁଠୁ ମିଳିବ ? ଏହା କେବଳ ଖୋଜିବାର ନିଶାକୁ ବଳିଷ୍ଠ କରେ ସିନା ମଣିଷପଣିଆର ଉତ୍ତରଣ ଘଟାଏନି ଓ ମନକୁ ପରିପକ୍ୱ କରିପାରେନି । ଏ ସଂସାରରେ ଅପରିପକ୍ୱ ମନୁଷ୍ୟର କେହି ସାଥୀ ନଥାନ୍ତି । ଅସ୍ଥିର ଜଳରାଶିରେ ଜହ୍ନର ଛବି ଯେମିତି ଚଳଚଞ୍ଚଳ, ସେମିତି ମନ ତା'ର ଇତସ୍ତତଃ ଧାବିତ । ମଣିଷର ମନ ହିଁ ଶତ୍ରୁ, ମନ ବି ପରମ ମିତ୍ର । ବାହାରେ କେହି ଶତ୍ରୁ ଅବା ମିତ୍ର ନାହାନ୍ତି । ମନ ହିଁ ମଣିଷକୁ ଯାବତୀୟ ମନ୍ଦକାର୍ଯ୍ୟ କରିବାକୁ ପଥ ଦେଖାଇଥାଏ ।

ପ୍ରଚଣ୍ଡ କର୍ମବ୍ୟସ୍ତତା ଅଧିକାଂଶ କ୍ଷେତ୍ରରେ ମନକୁ ବିଶୃଙ୍ଖଳିତ କରିଥାଏ । ଏହି ବିଶୃଙ୍ଖଳିତ ମନ ଭଳି ଜଗତରେ କେହି ଅବାଧ ଓ ଅମାନିଆ ନାହାନ୍ତି । ନିଜର ଅସଂଯତ ଚିନ୍ତା ଓ ଭାବନା ଯେତେ ମଣିଷର କ୍ଷତି କରେ, ଅନ୍ୟ କେହି କରିପାରେନା । ଅନାବଶ୍ୟକ ତଥା ଅନ୍ତଃସାରହୀନ ବସ୍ତୁକୁ ମୁଣ୍ଡରେ ପୂରାଇଲେ, ଅନେକ ଚିନ୍ତା ବା ଭାବନାର ସୂତ୍ରପାତ ହୁଏ, ଉକ୍ତ ଭାବନାର ରୂପାୟନ ପାଇଁ ବାରମ୍ବାର କର୍ମବ୍ୟସ୍ତତାର ଊର୍ଣ୍ଣନାଭ ଜାଲରେ ଫସିଯାଏ, ଫଳତଃ ମାନସିକ ଶାନ୍ତି ସହିତ ସୃଜନଶୀଳତାର ଅପୂରଣୀୟ କ୍ଷତି ଘଟେ । ଆମେ ଯାହା ବି ଅଭିଜ୍ଞତା ଅର୍ଜନ କରନ୍ତି, ତାହା ଭାବନା ସହିତ ଆରମ୍ଭ ହୁଏ । ଆମର ବାକ୍ୟ ଓ କାର୍ଯ୍ୟ ଭାବନାରୁ ଆସେ । ଆମେ ଯଦି ବିଶୃଙ୍ଖଳିତ ଭାବନାକୁ ନେଇ ବାକ୍ୟାଳାପ ବା କାର୍ଯ୍ୟ କରନ୍ତି, ତେବେ ବିରକ୍ତିକର ପରିବେଶ ଓ ଅଭିଜ୍ଞତା ଆମକୁ ମିଳିବ ହିଁ ମିଳିବ । ଯେଉଁଠିକୁ ଆମେ ଯିବା, ସେଠରେ ମନ୍ଦ ପରିବେଶ ସୃଷ୍ଟି କରିବା, କାହିଁକିନା ଆମେ ବିଶୃଙ୍ଖଳିତ ଭାବନା ବହନ କରୁଥାନ୍ତି । ଆମେ ଯେପର୍ଯ୍ୟନ୍ତ ଉପଭୋଗ ସର୍ବସ୍ୱ ବିଶୃଙ୍ଖଳିତ ଭାବନାର ବଶବର୍ତ୍ତୀ ହେଉଥିବା, ସେ ପର୍ଯ୍ୟନ୍ତ ଦୁଃଖକୁ ଏଡ଼ାଇ ପାରିବାନି । ଗୋଟିଏ କଥା ସତ୍ୟ ଯେ ସଂସାରର ସବୁ ଦୁଃଖ ବିଶୃଙ୍ଖଳିତ ମନରେ ଭରପୂର ଥାଏ, କିନ୍ତୁ ପ୍ରେମ ଓ କରୁଣାରେ ଥାଏ ପ୍ରକୃତ ସାମର୍ଥ୍ୟ ଓ ଶକ୍ତି । କିନ୍ତୁ ସେହି ସାମର୍ଥ୍ୟ ଓ ଶକ୍ତି ବ୍ୟସ୍ତବହୁଳ ଜୀବନ ନିକଟରେ ସଦା ପରାଭୂତ । ଏଥିରୁ ତ୍ରାହି ପାଇବାକୁ ହେଲେ କର୍ମବ୍ୟସ୍ତତାର ହ୍ରାସ ଆବଶ୍ୟକ । ନିଜ ପାଖକୁ ପୁନଃ ଫେରି ଆସି ଚାରିପାଖର ଘଟିତ ପ୍ରାକୃତିକ ଦୃଶ୍ୟ ପ୍ରତି ବିଶେଷ ସଚେତନ ହେଲେ ପ୍ରେମ ଓ କରୁଣା ଜଣକ ଭିତରେ ଆପେ ଜାଗି ଉଠିବ ଏବଂ ସେତେବେଳେ ସେ ଉପଲବ୍ଧି କରିବ ଯେ ଚାରିପାଖର ସମସ୍ତ ବସ୍ତୁ ସୁନ୍ଦର ଓ ଉତ୍ତମ । ଯେଉଁ କର୍ମବ୍ୟସ୍ତତା ଭିତରେ ସେ ଏକଦା ବନ୍ଦୀ ଥିଲା ବୋଲି ଭାବୁଥିଲା, ସେଇ କର୍ମବ୍ୟସ୍ତତା ବକ୍ଷଦେଶ ଉପରେ ଠିଆ ହେଇ ଆନନ୍ଦରେ ଗଦଗଦ ହେଇ ମୁଣ୍ଡକୁ ଉଚ୍ଚା କରି ଆକାଶକୁ ଚାହିଁ ହସିବ ଏବଂ ଗୁଣ୍ଠୁଚିମୂଷାର ଲୁଚକାଳି ଖେଳ ଭଳି ବିଭିନ୍ନ ପ୍ରାକୃତିକ ଦୃଶ୍ୟ ଦେଖି କେବଳ ଆତ୍ମହରା ହେବନି ବରଂ ଆତ୍ମତୃପ୍ତି ଲାଭ କରିବ ।